https://www.freshersnow.com/

Test Booklet No.
परीक्षा पुस्तिका संख्या

This Booklet contains 20 pages.
इस पुस्तिका में 20 पृष्ठ हैं ।

# JPC14–I

**PAPER I / प्रश्न-पत्र I**
**PART IV & V / भाग IV & V**
**Odia Language Supplement**
**उड़िया भाषा परिशिष्ट**

Test Booklet Code
परीक्षा पुस्तिका संकेत

**O**

**Do not open this Test Booklet until you are asked to do so.**
**इस परीक्षा पुस्तिका को तब तक न खोलें जब तक कहा न जाए ।**
**Read carefully the Instructions on the Back Cover (Page 19 & 20) of this Test Booklet.**
**इस परीक्षा पुस्तिका के पिछले आवरण (पृष्ठ 19 व 20) पर दिए निर्देशों को ध्यान से पढ़ें ।**

**For instructions in Odia see Page 2 of this booklet. / उड़िया में निर्देशों के लिए इस पुस्तिका का पृष्ठ 2 देखें ।**

## *INSTRUCTIONS FOR CANDIDATES*

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Lauguage II) in **ODIA** language, but **NOT BOTH**.
2. Candidates are required to answer Parts I, II, III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Blue/Black Ball Point Pen** *only for writing* particulars on this page/marking responses in the Answer Sheet.
5. The CODE for this Language Booklet is **O**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. *This Test Booklet has* **two** *Parts, IV and V consisting of* **60** Objective Type Questions, and each carries 1 mark :
   Part IV : Language I – (Odia) *(Q. Nos. 91 - 120)*
   Part V : Language II – (Odia) *(Q. Nos. 121 – 150)*
7. Part IV contains 30 questions for Language I and Part V contains 30 questions for Language II. In this Test Booklet, only questions pertaining to Odia language have been given. **In case the language(s) you have opted for as *Language I and/or Language II* is a language other than Odia, please ask for a Test Booklet that contains questions on that language. The languages being answered must tally with the languages opted for in your Application Form.**
8. **Candidates are required to attempt questions in Part V (Language II) in a language other than the one chosen as Language I (in Part IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

## *परीक्षार्थियों के लिए निर्देश*

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या तो** भाग IV (भाषा I) **या** भाग V (भाषा II) **उड़िया** भाषा में देना चाहते हैं, लेकिन **दोनों नहीं** ।
2. परीक्षार्थी भाग I, II, III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से ।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं । भाषा परिशिष्टों को आप अलग से माँग सकते हैं ।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल नीले/काले बॉल पॉइंट पेन** का प्रयोग करें ।
5. इस भाषा पुस्तिका का **संकेत** है **O**. यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य प्रश्न पुस्तिका पर छपे संकेत से मिलता है । अगर यह भिन्न हो तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, तथा प्रत्येक 1 अंक का है :
   भाग IV : भाषा I – (उड़िया) *(प्रश्न सं. 91 – 120)*
   भाग V : भाषा II – (उड़िया) *(प्रश्न सं. 121 – 150)*
7. भाग IV में भाषा I के लिए 30 प्रश्न और भाग V में भाषा II के लिए 30 प्रश्न दिए गए हैं । इस परीक्षा पुस्तिका में केवल उड़िया भाषा से सम्बन्धित प्रश्न दिए गए हैं । **यदि भाषा I और/या भाषा II में आपके द्वारा चुनी गई भाषा(एँ) उड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए । जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिएँ ।**
8. **परीक्षार्थी भाग V (भाषा II) के लिए, भाषा सूची से ऐसी भाषा चुनें जो उनके द्वारा भाषा I (भाग IV) में चुनी गई भाषा से भिन्न हो ।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें ।
10. सभी उत्तर केवल OMR उत्तर पत्र पर ही अंकित करें । अपने उत्तर ध्यानपूर्वक अंकित करें । उत्तर बदलने हेतु श्वेत रंजक का प्रयोग निषिद्ध है ।

Name of the Candidate (in Capitals) : ____________________
परीक्षार्थी का नाम (बड़े अक्षरों में) :

Roll Number (अनुक्रमांक) : in figures (अंकों में) ____________________
: in words (शब्दों में) ____________________

Centre of Examination (in Capitals) : ____________________
परीक्षा केन्द्र (बड़े अक्षरों में) :

Candidate's Signature : ____________ Invigilator's Signature : ____________
परीक्षार्थी के हस्ताक्षर : निरीक्षक के हस्ताक्षर :

Facsimile signature stamp of Centre Superintendent ____________________

https://www.freshersnow.com/



ଏହି ପୁସ୍ତକରେ 20 ପୃଷ୍ଠା ଅଛି ।

# JPC14–I

## ପ୍ରଶ୍ନପତ୍ର I

## ଭାଗ IV & V

## ଓଡ଼ିଆ ଭାଷା ପରିଶିଷ୍ଟ

ପରୀକ୍ଷା ପୁସ୍ତକ କୋଡ

**O**

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲ ନାହିଁ ।**

**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼ ।**

***ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ:***

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ** ।
2. ପରୀକ୍ଷାର୍ଥୀଗଣ ଭାଗ I, II, III ଭାଗ ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ ।
3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ ବ୍ଲୁ କିମ୍ବା ବ୍ଲାକ ବଲ୍ ପଏଣ୍ଟ ପେନ୍‌ରେ** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **O** । ମୁଖ୍ୟ ପ୍ରଶ୍ନପତ୍ରର ଉପର ଓ ଉତ୍ତରଖାତାର **ପୃଷ୍ଠା–2** ସମାନ କୋଡ ରହିବା ନିଶ୍ଚିତ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରୀଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ – ଭାଗ IV ଓ ଭାଗ V, ସମୁଦାୟ 60ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।
   ଭାଗ IV : ଭାଷା I – (ଓଡ଼ିଆ) *(ପ୍ରଶ୍ନ 91 ରୁ 120)*
   ଭାଗ V : ଭାଷା II – (ଓଡ଼ିଆ) *(ପ୍ରଶ୍ନ 121 ରୁ 150)*
7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫକାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ମାର୍କ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀର ନାମ (ବଡ ଅକ୍ଷରରେ ଲେଖନ୍ତୁ) : ______________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ ______________________

: ଶବ୍ଦରେ ଲେଖନ୍ତୁ ______________________

ପରୀକ୍ଷା କେନ୍ଦ୍ର (ବଡ ଅକ୍ଷରରେ ଲେଖନ୍ତୁ) : ______________________

ପରୀକ୍ଷାର୍ଥୀର ହସ୍ତାକ୍ଷର : ______________ ନିରୀକ୍ଷକଙ୍କର ହସ୍ତାକ୍ଷର ______________

Facsimile signature stamp of

Centre Superintendent : ______________________

https://www.freshersnow.com/



Candidates should answer questions from the following Part only if they have opted for **ODIA** as **LANGUAGE – I**.

https://www.freshersnow.com/



## ଭାଗ IV
## ଭାଷା I
## ଓଡ଼ିଆ

*ନିର୍ଦ୍ଦେଶ : ନିମ୍ନ ପଦ୍ୟାଂଶଟି ପଢନ୍ତୁ, ଏହା ସହିତ ସଂପୃକ୍ତ 91 ରୁ 96 ଯାଏ ପ୍ରତ୍ୟେକ ପ୍ରଶ୍ନରେ ଚାରିଗୋଟି ସାମ୍ଭାବ୍ୟ ଉତ୍ତର ରହିଛି । ସେଥିରୁ ଯଥାର୍ଥ ଉତ୍ତରଟି ବାଛନ୍ତୁ ।*

ବାସୀମଡ଼ା ଘରେ ନପକାର ମେଳେ
ନିଶାର୍ଦ୍ଧେ ସାହସେ ଶବ ସତ୍କାର ।
ବଳଦିଏ କିଏ ରୋଗୀର ସଙ୍କଟେ
ଅଭାବେ ଦୁର୍ଦ୍ଦିନେ କେଉଁ ବନ୍ଧୁତୋର ।।
କହ ବନ୍ଧୁ ଏବେ କାହାପାଇଁ ତେବେ
ମୁଲାଚ୍ଛା ଭୁଟାଇ ମଣୁ ଶତ୍ରୁପର ।
ସବୁରି ଆତ୍ମାରେ ଦେବ ବିଦ୍ୟମାନ
ପଶୁଠାରୁ ହୀନ କରୁ ବେଭାର ।।
ନରଜନ୍ମପରା ଶ୍ରେଷ୍ଠ ଉପହାର
ବୁଝନାହିଁ ଭ୍ରମେ ତୋର ଅନ୍ତର ।
ବିଧାତା ବିଧାନେ ବୋଲୁଛୁ କଳଙ୍କ
ଧିକ୍‌ତୋର ହୀନ ଗାରିମା ଫୁତ୍କାର ।।
ଧିକ୍‌ତୋର ସେହି ରାକ୍ଷସ ପ୍ରବୃତ୍ତି
ଧିକ୍‌ତୋର ସେହି ଧ୍ୱଂସ ମନୋବୃତ୍ତି ।
ରକ୍ତରେ ତୁହି କରୁ ହୋରିଖେଳ
ଦୁର୍ବଳେ କଷ୍ଟୁ ହିଂସା ପ୍ରବଳ ।

**91.** ରୋଗୀର ସଙ୍କଟରେ, ଅଭାବରେ ଓ ଦୁର୍ଦ୍ଦିନରେ ବନ୍ଧୁ କ'ଣ କରେ ?

(1) ସାନ୍ନିଧ ଦିଏ
(2) ଅର୍ଥ ଦିଏ
(3) ସାହସ ଦିଏ
(4) ବଳ ଦିଏ

**92.** ପଶୁଠାରୁ ହୀନ ବ୍ୟବହାର କାହାକୁ କରିବାର ଉଲ୍ଲେଖଅଛି ?

(1) ରାକ୍ଷସ ପ୍ରକୃତ୍ତିକୁ
(2) ଧ୍ୱଂସ ମନୋବୃତ୍ତିକୁ
(3) କଳଙ୍କିତ ବ୍ୟକ୍ତିକୁ
(4) ଶତ୍ରୁ ମଣୁଥିବା ବ୍ୟକ୍ତିକୁ

**93.** କାହାକୁ ଶ୍ରେଷ୍ଠ ଉପହାର ବୋଲି କୁହାଯାଇଛି ?

(1) ବନ୍ଧୁଙ୍କୁ
(2) ନିଷ୍କଳଙ୍କ ବ୍ୟକ୍ତିଙ୍କୁ
(3) ନରଜନ୍ମକୁ
(4) ଦେବତାଙ୍କୁ

**94.** କିଏ ଘରେ ମଡ଼ାକୁ ବାସୀ କରେ ନାହିଁ ?

(1) ବନ୍ଧୁ
(2) କୁଟୁମ୍ବ
(3) ପୁତ୍ର
(4) ପ୍ରତିବେଶୀ

https://www.freshersnow.com/



**95.** ରକ୍ତରେ କ'ଣ କରିବାର କଥା କୁହାଯାଇଛି ?

(1) କଳଙ୍କ ବୋଳିବାର

(2) ନୃତ୍ୟ କରିବାର

(3) ହୋରିଖେଳିବାର

(4) ହିଂସା କରିବାର

**96.** କାହାକୁ ହୀନବୋଲି ଧିକ୍କାର କରାଯାଇଛି ?

(1) ରାକ୍ଷସ ପ୍ରବୃତ୍ତିକୁ

(2) ଗାରିମା ଫୁତ୍କାରକୁ

(3) ପଶୁତୁଲ୍ୟ ବ୍ୟବହାରକୁ

(4) ଧ୍ୱଂସ ମନୋବୃତ୍ତିକୁ

*ନିର୍ଦ୍ଦେଶ : ନିମ୍ନ ଗଦ୍ୟାଂଶଟି ପଢନ୍ତୁ । ଏହା ସହିତ ସଂପୃକ୍ତ 97 ରୁ 105 ଯାଏ ପ୍ରତ୍ୟେକ ପ୍ରଶ୍ନରେ ଚାରିଗୋଟି ସମ୍ଭାବ୍ୟ ଉତ୍ତର ରହିଛି । ସେଥିରୁ ଯଥାର୍ଥ ଉତ୍ତରଟି ବାଛନ୍ତୁ ।*

ଆଶ୍ରମ ସନ୍ନିକଟେ ଏକ 'ନୂଆ ତାଲିମ କେନ୍ଦ୍ର' ଖୋଲା ଯାଇଥିଲା ଯାହାର ଉଦ୍ଦେଶ୍ୟ ଥିଲା ଶ୍ରମ ସହ ରୋଜଗାର, ମାନସିକ ଶାନ୍ତି ଓ ସର୍ବଜନ ମଙ୍ଗଳ । ତାଲିମ ଭିତରେ ଥିଲା କୁଟୀର ଶିଳ୍ପ, ଉଦ୍ୟାନ ବିଜ୍ଞାନ, କୃଷି, ଫଳ ଚାଷ, ଗୋ ଚାଷ, ହସ୍ତତନ୍ତ୍ର, ସୂତା କଟା, ପ୍ରାକୃତିକ ସାର ତିଆରି ଇତ୍ୟାଦି । ଆଶ୍ରମରେ ଗୋ-ସେବା ସଂଘ ଆରମ୍ଭ ହୋଇଥିଲା, ଯେଉଁଠାରେ ଗୋ ସମ୍ପଦର ରକ୍ଷଣାବେକ୍ଷଣ ସହ ଅହିଂସା ମାର୍ଗରେ ଗୋ ସମ୍ପଦର ଉପଯୋଗ ବିଷୟରେ ତାଲିମ ଦିଆଯାଉଥିଲା । ଏବର ଆଶ୍ରମ ନିକଟସ୍ଥ ଗୋ ଶାଳା ତାର ପରିବର୍ଦ୍ଧିତ କଳେବର ।

ପରିଣତ ବୟସରେ ଗାନ୍ଧୀଙ୍କ ଶେଷ ସମୟର ଚାରି ବର୍ଷ କାଳ ଏହି ଆଶ୍ରମ ଏକ ପ୍ରୟୋଗଶାଳା ରୂପେ କାର୍ଯ୍ୟ କରିଥିଲା ଏହାଥିଲା ସତ୍ୟ ଓ ଅହିଂସାକୁ ପାଥେୟ କରି ଜୀବନ କିଭଳି ବଂଚିବାକୁ ହୁଏ ତାହାର ଏକ ପ୍ରୟୋଗଶାଳା । ଭାରତ ପରେ ପରେ ତୃତୀୟ ବିଶ୍ୱର ଅନେକ ଦେଶ ଏହି ମାର୍ଗରେ ସ୍ୱାଧୀନତା ପାଇଥିଲେ । ସଂସାରର ଗରିବତମ ବ୍ୟକ୍ତି ସହ ନିଜକୁ ସାମିଲ କରିବା ପାଇଁ ଗାନ୍ଧୀ ସରଳ ଜୀବନକୁ ଆପଣେଇ ଥିଲେ, ସ୍ୱଇଚ୍ଛାରେ ଦାରିଦ୍ର୍ୟ ଓ ନିରାମୟ ଜୀବନ କଟେଇଥିଲେ । ନିର୍ଭରଶୀଳତା ହିଂସା ସୃଷ୍ଟି କରେ ଓ ଅକ୍ଷମ ହୋଇ ପଡିବାର ଭୟାନକ ମାନସିକତା ସୃଷ୍ଟି କରେ । ଏହି ଆଶ୍ରମ ଏଭଳି ଏକ ଜୀବନ ଶୈଳୀର ଦିଗ୍ ଦର୍ଶନ ଦିଏ ଯାହା ଦ୍ୱାରା ପ୍ରତ୍ୟେକେ ସ୍ୱାବଲମ୍ବୀ ଓ କର୍ମୀ ବୋଲି ଅନୁଭବ କରିପାରିବେ । ନବ ଭାରତ ନିର୍ମାଣରେ ତାଲିମ କେନ୍ଦ୍ର ଓ ପରୀକ୍ଷାଗାର ରୂପେ ସେବାଗ୍ରାମ ବ୍ୟବହୃତ ହୋଇଛି । ଆଶ୍ରମବାସୀଙ୍କ ନିମନ୍ତେ ଯେଉଁ ଏଗାରଟି ଶପଥ ନିଶ୍ଚିତ ରୂପେ ମାନିବାକୁ ପଡୁଥିଲା ସେସବୁ ହେଲା – ସତ୍ୟ, ଅହିଂସା, ବ୍ରହ୍ମଚର୍ଯ୍ୟ, ନିର୍ଲୋଭ, ଚୋରି ନ କରିବା, ଶ୍ରମ, ଜିହ୍ୱା ସଂଯମ, ସର୍ବଧର୍ମ ସମନ୍ୱୟ, ସ୍ୱଦେଶୀ ଓ ଅସ୍ପୃଶ୍ୟତା ଦୂରୀକରଣ । ଆଶ୍ରମର ଲକ୍ଷ୍ୟ ଥିଲା – ଅନ୍ୟ ଦେଶକୁ ଘୃଣା ନ କରିବା, ମାତୃଭୂମିର ସେବା କରିବା, ଅନ୍ୟ କାହାକୁ ଯନ୍ତ୍ରଣା ନ ଦେଇ ଆଧ୍ୟାତ୍ମିକତା ବୃଦ୍ଧି କରିବା, କାମନା ବାସନାରେ ପବିତ୍ରତା ରଖିବା, ସମାଜ ତଥା ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ଜ୍ଞାନ ଓ ବସ୍ତୁସକଳର ଯଥାର୍ଥ ଯତ୍ନକାରୀ ହେବା, ଜୀବନର ଛୋଟବଡ ଆବଶ୍ୟକତା ଭିତରେ ଆତ୍ମ ସଚେତନ ହେବା । ଗାନ୍ଧୀ କୁଟୀରରେ G.C.Larimer ଙ୍କ ଯେଉଁ ସୁନ୍ଦର ବାଣୀ ଖଣ୍ଡିକ ଲେଖା ଅଛି, ତାର ଭାବାର୍ଥ ହେଲା – 'ଯେତେବେଳେ ତୁମେ ଠିକ୍ କରିଛ ବୋଲି ଭାବୁଛ, ତେବେ କ୍ରୋଧ ପ୍ରକାଶର ଆବଶ୍ୟକତା ନାହିଁ । ଯେତେବେଳେ ତୁମେ ଭୁଲ୍ କରୁଛ ତେବେ କ୍ରୋଧ ପ୍ରକାଶର ଅଧିକାର ନାହିଁ ।' କ୍ରୋଧ ମୁକ୍ତ

https://www.freshersnow.com/



ହୋଇ ଜୀବନକୁ ରୂପାନ୍ତରିତ କରବାରେ ଏହି ବାଣୀ ଗାନ୍ଧୀଙ୍କୁ ଖୁବ୍ ପ୍ରଭାବିତ କରିଥିଲା ।

ସେବାଗ୍ରାମରେ ଥିବାବେଳେ ଗାନ୍ଧୀ ଏକଦା କହିଥିଲେ – 'ମୁଁ ଯେଉଁଭଳି ବଂଚିବାକୁ ଚାହୁଁଥିଲି ବର୍ତ୍ତମାନ ନିଶ୍ଚିତ ରୂପେ ସେଭଳି ବଂଚି ପାରୁଛି । ଯାହା ଆଜି ଜୀବନର ଅପରାହ୍ଣରେ କରୁଛି, ଉପଯୁକ୍ତ ପ୍ରଜ୍ଞାର ଉନ୍ମେଷ ଘଟିଥିଲେ ବୋଧେ ବହୁ ଆଗରୁ ସେଭଳି କରି ପାରିଥାନ୍ତି । ମୁଁ କଣ ବୋଲି ଜାଣିବାକୁ ଯଦି ଇଚ୍ଛା କରୁଛନ୍ତି, ତେବେ ଏଠାକାର ଜୀବନ ଶୈଳୀକୁ ଦେଖନ୍ତୁ, ଚାରି ପାଖର ପରିବେଷ୍ଟନୀକୁ ଶ୍ରଦ୍ଧାର ସହ ଅନୁଧାନ କରନ୍ତୁ ।'

**97.** ଶ୍ରମ ସହ ରୋଜଗାର, ମାନସିକଶାନ୍ତି ଓ ସର୍ବଜନମଙ୍ଗଳ ଉଦ୍ଦେଶ୍ୟରେ କ'ଣ ଖୋଲାଯାଇଥିଲା ?

(1) ତାଲିମକେନ୍ଦ୍ର

(2) ଉପାସନାକେନ୍ଦ୍ର

(3) ଆଶ୍ରମ

(4) ଶିକ୍ଷାକେନ୍ଦ୍ର

**98.** ପ୍ରାକୃତିକ ସାରତିଆରି କାହାଭିତରେ ଥିଲା ?

(1) କୁଟନର ଶିଳ୍ପ ଭିତରେ

(2) ତାଲିମ୍ ଭିତରେ

(3) କୃଷି ବିକାଶ ଭିତରେ

(4) ଉଦ୍ୟାନ ବିଜ୍ଞାନ ଭିତରେ

**99.** ଆଶ୍ରମଟି ଗାନ୍ଧିଜୀଙ୍କର କିପରି ଭାବରେ କାର୍ଯ୍ୟ କରୁଥିଲା ?

(1) ପାଠଶାଳା

(2) ଯୋଗଶାଳା

(3) ପ୍ରୟୋଗଶାଳା

(4) ପରୀକ୍ଷାଶାଳା

**100.** ଗାନ୍ଧିଜୀ କିପରି ଜୀବନ ଆପଣେଇ ଥିଲେ ?

(1) ସରଳ ଓ ନିଷ୍କପଟ

(2) ସ୍ୱାଭିମାନୀ ଓ ସ୍ୱାବଲମ୍ବୀ

(3) ସତ୍ୟ ଓ ଅହିଂସା

(4) ଦାରିଦ୍ର୍ୟ ଓ ନିରାମୟ

**101.** କ୍ରୋଧ ପ୍ରକାଶର ଅଧିକାର କେତେବେଳେ ନଥାଏ ?

(1) ଯେତେବେଳେ ତୁମେ ଠିକ୍ କରୁଛ ବୋଲି ଭାବୁଛ

(2) ଯେତେବେଳେ ତୁମେ ଭୁଲ କରୁଛ ବୋଲି ଭାବୁଛ

(3) ଯେତେବେଳେ ତୁମେ ଅପ୍ରବିତ୍ର ଅଛ

(4) ଯେତେବେଳେ ତୁମେ ଆତ୍ମସଚେତନ ଅଛ

**102.** ଚାରିପାଖର ପରିବେଷ୍ଟନୀକୁ କିପରି ଅନୁଧାନ କରିବା ପାଇଁ ଗାନ୍ଧିଜୀ କହିଥିଲେ ?

(1) ଅହିଂସାରସହ

(2) ସତ୍ୟରସହ

(3) ଶ୍ରଦ୍ଧାରସହ

(4) ପ୍ରଜ୍ଞାରସହ

**103.** ଭୟାନକ ମାନସିକତା କିଏ ସୃଷ୍ଟିକରିଥାଏ ?

(1) ନିର୍ଭରଶୀଳତା

(2) ହିଂସା ଭାବ

(3) ଅକ୍ଷମତା

(4) ଈର୍ଷାଭାବ

**104.** G.C. Larimer ଙ୍କ ସୁନ୍ଦରବାଣୀ କେଉଁଠି ଲେଖା ଥିଲା ?

(1) ତାଲିମକେନ୍ଦ୍ରରେ

(2) ଆଶ୍ରମରେ

(3) ସେବାଗ୍ରାମରେ

(4) ଗାନ୍ଧିକୁଟୀରରେ

https://www.freshersnow.com/



**105.** 'କଳେବର'ର ଅର୍ଥ କ'ଣ ?

(1) ସ୍ୱରୂପ

(2) ଜୀବନ

(3) ଅବୟବ

(4) ବୟସ

*ନିର୍ଦ୍ଦେଶ : ସବୁଠାରୁ ଉପଯୁକ୍ତ ଉତ୍ତର ନିର୍ବାଚନକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ ।*

**106.** ଭାଷାର ଯୋଗାଯୋଗ ତଥ୍ୟ ଅନୁସାରେ ଭାଷାର ଏକ ନିର୍ଣ୍ଣାୟକ ଉଦ୍ଦେଶ୍ୟ ଅଛି । ଏହା କ'ଣ ବ୍ୟବହାରରୁ ସୃଷ୍ଟି ?

(1) ଅନ୍ୟର ବ୍ୟବହାର ନିୟନ୍ତ୍ରଣ ପାଇଁ ଭାଷା

(2) ଯୋଗାଯୋଗର ଭାଷା

(3) ଆଞ୍ଚଳିକ ବନାନ ଅନୁସରଣ

(4) ଶିକ୍ଷଣ ଓ ଉଦ୍‌ଭାବନର ଭାଷା

**107.** ଏକ ବହୁଭାଷୀ ଶ୍ରେଣୀ କକ୍ଷରେ ସମନ୍ୱିତ ଶିକ୍ଷା ବାତାବରଣ ଆଣିବା ପାଇଁ କ'ଣ କରାଯିବା ଦରକାର ?

(1) ସଂଶିତ ଭାଷାର ବ୍ୟବହାର ନହେଉଥିଲା ବେଳେ ଏକ ସୁବିଧା ପ୍ରତ୍ୟାହାର କରିନେବା

(2) ମାତୃଭାଷାର ବାରମ୍ବାର ବ୍ୟବହାର କରିବା

(3) ସଂଶିତ ଭାଷାର ସନ୍ତୁଳିତ ବ୍ୟବହାର

(4) ଶିକ୍ଷଣ ଏବଂ ଯୋଗାଯୋଗର ବିକାଶପାଇଁ ଯୋଜନାବଦ୍ଧ ଭାବବିନିମୟ ଓ କାର୍ଯ୍ୟଧାରା

**108.** ସରଳରୁ ଜଟିଳ ଆଡ଼କୁ ଶିକ୍ଷାରଗତି । ଯଦି କୌଣସି ବିଦ୍ୟାର୍ଥୀ ମୌଳିକ ଶିକ୍ଷା ଲାଭ କରିନଥାଏ । ତେବେ ତାହାକୁ କ'ଣ ଦିଆଯିବା ଆବଶ୍ୟକ ?

(1) ସିଧା ସଳଖ ବକ୍ତବ୍ୟ ଏବଂ/କିମ୍ବା ନିର୍ଦ୍ଦେଶ

(2) ଦୃଶ୍ୟଯୋଗ୍ୟ ଏବଂ/କିମ୍ବା କୌଶଳପୂର୍ଣ୍ଣ ନିର୍ଦ୍ଦେଶ; କିନ୍ତୁ ବକ୍ତବ୍ୟ ନୁହେଁ

(3) ସିଧା ବକ୍ତବ୍ୟ ଏବଂ/କିମ୍ବା ଦୃଶ୍ୟ ଆଧାରିତ ନିର୍ଦ୍ଦେଶ

(4) ବକ୍ତବ୍ୟ ନୁହେଁ ଉଚ୍ଚ ଅବସ୍ଥାର ଦୃଶ୍ୟ ଆଧାରିତ ନିର୍ଦ୍ଦେଶ

**109.** ଶ୍ରେଣୀକକ୍ଷରେ ପାଠ୍ୟାଂଶ, ଗ୍ରାଫ୍, ଆନିମେସନ, ଏବଂ ଶବ୍ଦ ଇତ୍ୟାଦିର ସମନ୍ୱୟ କହିଲେ କ'ଣ ବୁଝାଯାଏ ?

(1) ପାଠ୍ୟାଂଶ ବର୍ଣ୍ଣନା

(2) ବିବିଧ ମାଧ୍ୟମ

(3) ନାତିଗର୍ଭକ ବର୍ଣ୍ଣନା

(4) ଖୋଜିବାରେ ସାହାଯ୍ୟକରୁଥିବା

**110.** ଶ୍ରେଣୀକକ୍ଷରେ ଛାତ୍ରଟି କ୍ରିଡ଼ା ମାଧ୍ୟମରେ ଭାଷା ଦକ୍ଷତା ଆହରଣ କରିବାପାଇଁ କ'ଣ କରାଯିବା ଆବଶ୍ୟକ ?

(1) ମଝିରେ ମଝିରେ ପାଠ୍ୟପୁସ୍ତକ ଅନୁଧ୍ୟାନ କରିବା

(2) ଅଧିକ ସାହିତ୍ୟିକ ପାଠ ପଠନ ପାଇଁ ସୁଯୋଗ ସୃଷ୍ଟି କରିବା

(3) ବୈଷୟିକ କର୍ମ ସମର୍ଥିତ କ୍ରିୟାକଳାପର ମୂଲ୍ୟନିର୍ଣ୍ଣୟ କରାଯିବା ଉଚିତ

(4) ଅନୁଧ୍ୟାନ ଓ କାର୍ଯ୍ୟ ସଂପାଦନ ମଧ୍ୟରେ ସମନ୍ୱୟ ରକ୍ଷା

https://www.freshersnow.com/



111. ବ୍ୟାକରଣ ପଠନର ମୁଖ୍ୟ ଉଦ୍ଦେଶ୍ୟ ହେଲା

(1) ଉଚ୍ଚାରଣ ଏବଂ ସଠିକତା ଶକ୍ତି ବୃଦ୍ଧି

(2) ଶିକ୍ଷାର୍ଥୀଙ୍କର ଯୋଗାଯୋଗ ଶକ୍ତିବୃଦ୍ଧି

(3) ଶିକ୍ଷାର୍ଥୀଙ୍କର ଧୈର୍ଯ୍ୟଶକ୍ତି ବୃଦ୍ଧି

(4) ଶିକ୍ଷାର୍ଥୀଙ୍କର ସଂକ୍ଷିପ୍ତୀକରଣ ସାମର୍ଥ୍ୟ ଅନୁଧ୍ୟାନ

112. ବ୍ୟାକରଣ ପ୍ରତି ଆଧୁନିକ ଦୃଷ୍ଟିଭଂଗୀ କାହାଉପରେ ଗୁରୁତ୍ୱ ଦିଏ ?

(1) ଦ୍ୱିତୀୟ ଭାଷା ରେ ପଢ଼ିଲା ବେଳେ ବିଦ୍ୟାର୍ଥୀଙ୍କୁ ବ୍ୟାକରଣ ପଢ଼ା

(2) ପ୍ରତ୍ୟକଙ୍କୁ ବ୍ୟାକରଣ ପଢ଼ା

(3) ବ୍ୟାକରଣଗତ ନିୟମ ଅନୁଶୀଳନ

(4) ନୂଆ ପରିବେଶରେ ବାକ୍ୟାନ୍ୱୟ ଏବଂ କାଳ ଅନୁଶୀଳନ

113. ଚତୁର୍ଥଶ୍ରେଣୀରେ ଦ୍ୱିତୀୟ ଭାଷା ପଢ଼ାଇବା ପାଇଁ ଭାଷାର କିପରି ପ୍ରୟୋଗ କରାଯିବା ଆବଶ୍ୟକ ?

(1) ଭାଷାର ଅବାନ୍ତର ପ୍ରୟୋଗ

(2) ସଂପୃକ୍ତ କ୍ଷେତ୍ରର ଉତ୍ତରରେ ଶବ୍ଦ ସଂଖ୍ୟା ଆକଳନ

(3) ପ୍ରାସଙ୍ଗିକତା

(4) ପଲ୍ଲବିତ ଭାଷା ପ୍ରୟୋଗ

114. ଭାଷା ଆହରଣ ସଂପର୍କରେ ଶାବ୍ଦିକ ବିକାଶ କହିଲେ କାହାକୁ ବୁଝାଏ ?

(1) ସାମାଜିକ, ବ୍ୟକ୍ତିଗତ ଶବ୍ଦ ଆହରଣ

(2) ଭାଷା ଆହରଣ ପାଇଁ ପ୍ରେରଣା

(3) ବ୍ୟାକରଣଗତ ବିକାଶସ୍ତର

(4) ବାକ୍ୟଗଠନ ଗତ ଆହରଣ

115. 'ସ୍କାନିଂ' କଲାବେଳେ ଛାତ୍ରଟି କ'ଣ କରେ ?

(1) ଆବଶ୍ୟକ ପଠନ ଯୋଗ୍ୟ ତଥ୍ୟକୁ ଲିଖନଯୋଗ୍ୟରେ ପରିବର୍ତ୍ତନ

(2) ପ୍ରୟୋଗ ଏବଂ ତଥ୍ୟ ସମନ୍ୱୟ ପାଇଁ ଅବବୋଧ ଯୋଗ୍ୟ ପଠନ

(3) ସାଧାରଣ ଅର୍ଥ, ଧାରଣା ଓ ସାରାଂଶ ପାଇଁ ପାଠ୍ୟ ଅନୁଧ୍ୟାନ

(4) ଅନାବଶ୍ୟକ ଅଂଶ ଛାଡ଼ି ନିର୍ଣ୍ଣିତ ଉଦ୍ଦେଶ୍ୟ ପାଇଁ ପାଠ୍ୟ ଅନୁସଂଧାନ

116. ଅପରିଚିତ ପରିବେଶ ସମେତ ବିକ୍ଷିପ୍ତ ସଂପୃକ୍ତି ସଂପର୍କୀୟ ଆଲୋଚନା ଓ ପ୍ରଭାବିକ ପ୍ରତିନିଧିତ୍ୱ ନିମ୍ନ ପ୍ରକ୍ରିୟା ସହିତ ଜଡ଼ିତ

(1) ଅନ୍ୟ ବିଚାରପୁଷ୍ଟ ପୁନର୍ଲିଖନ

(2) ବକ୍ତବ୍ୟ ପ୍ରକାଶ

(3) ପଠନ

(4) ଇଣ୍ଟରନେଟ ବ୍ୟବହାର

https://www.freshersnow.com/



117. ମୂଲ୍ୟବୋଧ ଓ ଶିକ୍ଷାର୍ଥୀଙ୍କ ମନୋଭୀକ ଆକଳନ ପାଇଁ ସବୁଠାରୁ ଉପଯୋଗୀ ମାଧ୍ୟମ ହେଲା –

(1) କାଗଜରଖା ଫୋଲଡ଼ର

(2) ଏକକ ପରୀକ୍ଷା

(3) ସାରାଂଶ ପରୀକ୍ଷା

(4) ଆଖ୍ୟାନମୂଳକ ଅନୁଲିପି

118. ବେଳେ ବେଳେ 'କହିବାକୁ' ଏକ ଆହୃତ କ୍ଷମତା କୁହାଯାଏ; କାରଣ

(1) ଶିକ୍ଷା ଉପକରଣ ବିନା ଶ୍ରେଣୀକକ୍ଷରେ ଭାଷାଶିକ୍ଷା ଅସମ୍ଭବ

(2) କେବଳ ମାତୃଭାଷା ଠିକ୍‌ଭାବରେ ଜନମ ଦିଆ ଯାଇପାରେ

(3) ସାଧାରଣତଃ ସ୍ୱାସ୍ଥ୍ୟବାନ ଲୋକର ସ୍ୱାଭାବିକ ଭାବେ କହିବାକ୍ଷମତା ବୃଦ୍ଧିପାଏ

(4) ଛାତ୍ରମାନେ ଦାୟିତ୍ୱବାନ ହେବେ ବୋଲି ଶିକ୍ଷକ ମାନେ ଭାବିଥାନ୍ତି

119. ସ୍କୁଲସଂପର୍କରେ ପାଞ୍ଚଜଣକଙ୍କର ସଂକ୍ଷିପ୍ତ ବକ୍ତବ୍ୟ ଶୁଣିବ । ନିମ୍ନ ଉଦ୍ଧୃତିକୁ ପାଠକର, ପରେ ପ୍ରଥମରୁ ପଞ୍ଚମ ବକ୍ତାଯାଏ A ଠାରୁ G ଯାଏ ବକ୍ତବ୍ୟକୁ ମିଳାଅ । ଏହି ରେକଡିଂ ଦି'ଥର ଶୁଣିବ । ସଂଶିତ ଭାଷାର ନିମ୍ନ କାଯ୍ୟଧାରାକୁ ଏହା ସୂଚାଏ ।

(1) ଶ୍ରବଣ ପୁର୍ବରୁ ଗୋଟିଏ ପଠନ କ୍ରିୟା

(2) ଏକ ଶ୍ରବଣ ଆକଳନ ନିରୀକ୍ଷଣ

(3) ବିଶ୍ଳେଷଣାତ୍ମକ ପଠନ ଅଭ୍ୟାସ

(4) ବିଦ୍ୟାର୍ଥୀଙ୍କ ଦକ୍ଷତା ଅନୁଯାୟୀ ଶିକ୍ଷା

120. ଦ୍ୱିତୀୟ ଶ୍ରେଣୀର ଶିକ୍ଷା ବିନା ଯାହାଯ୍ୟରେ ପଢ଼ି ପାରିବାର ଜାଣିବା ପାଇଁ ଶିକ୍ଷକଙ୍କ ପକ୍ଷେ ଗୋଟିଏ ଉପାୟ ହେଲା

(1) ଆଖି ସାହାଯ୍ୟରେ ଛାପାଅକ୍ଷର ଅନୁସନ୍ଧାନ

(2) ଆଙ୍ଗୁଳି ଦ୍ୱାରା ନିର୍ଦ୍ଦେଶ ସର୍ବନାମ ଓ ଅବ୍ୟୟ ସାହଯ୍ୟରେ ସଂପର୍କ ସ୍ଥାପନ

(3) ବର୍ଣ୍ଣନା ସହିତ ଅନୁଚ୍ଛେଦର ଅନ୍ୱୟ

(4) ଅନୁଚ୍ଛେଦର ସାରାଂଶ ଉପଛେଦନ

https://www.freshersnow.com/



Candidates should answer questions from the following Part only if they have opted for **ODIA** as **LANGUAGE – II**.

→

https://www.freshersnow.com/



# ଭାଗ V

## ଭାଷା II

## ଓଡ଼ିଆ

*ନିର୍ଦ୍ଦେଶ : ନିମ୍ନ ଗଦ୍ୟାଂଶକୁ ପଢନ୍ତୁ । ଏହା ସହିତ ସଂପୃକ୍ତ 121 ରୁ 126 ଯାଏ ପ୍ରତ୍ୟେକ ପ୍ରଶ୍ନରେ ଚାରିଗୋଟି ସାମ୍ଭାବ୍ୟ ଉତ୍ତର ରହିଛି । ସେଥିରୁ ଯଥାର୍ଥ ଉତ୍ତରଟି ବାଛନ୍ତୁ ।*

ଆଲୋକ ମଣ୍ଡଳ ଅହରହ ଆନ୍ଦୋଳିତ । ଫଳରେ ନିର୍ଦ୍ଦିଷ୍ଟ ସମସ୍ତ ବ୍ୟବଧାନରେ ଆଲୋକ ମଣ୍ଡଳ ପୃଷ୍ଠରେ ସୌର କଳଙ୍କ ଦେଖାଦିଏ । ତାହାହିଁ ଝଡ଼ର ସୂଚନା । ସେତେବେଳେ ବର୍ଣ୍ଣ ମଣ୍ଡଳ ଓ କିରୀଟ ମଣ୍ଡଳରେ ଶିହରଣ ଖେଳିଯାଏ । କିରୀଟ ମଣ୍ଡଳରୁ ଯେଉଁ ଉତ୍ତପ୍ତ ଅଗ୍ନି ହୁଳା ଉଠେ ତାହା ମହାଶୂନ୍ୟକୁ ନିୟୁତ ନିୟୁତ କିଲୋମିଟର ଜିଭ ଲହ ଲହ କରି ଲମ୍ବି ଯାଏ । କି ପ୍ରଚଣ୍ଡ ବେଗରେ ସେ ଖେଳିଯାଏ । ସେକେଣ୍ଡକୁ ପ୍ରାୟ 4/5 ଶହ କିଲୋମିଟର । ବେଳେ ବେଳେ ସୂର୍ଯ୍ୟରୁ ତାହା ଛିଣ୍ଡିପଡ଼େ । ମନେ ହୁଏ ସୂର୍ଯ୍ୟ ଯେପରି ସୃଷ୍ଟିକୁ ଧ୍ୱଂସ କରି ଦେବ । ସେତେବେଳେ ଅସଂଖ୍ୟ ବୈଦ୍ୟୁତିକ କଣିକା ମହାଶୂନ୍ୟକୁ ବିଞ୍ଛିହୋଇ ପଡ଼େ । ଚୁମ୍ବକ ଝଡ଼ ସୃଷ୍ଟି ହୁଏ; ରେଡ଼ିଓ ଷ୍ଟେସନର ସ୍ୱାଭାବିକ କାର୍ଯ୍ୟ ବ୍ୟାହତ ହୁଏ; ରେଡ଼ର ଯନ୍ତ୍ରପାତି କ୍ଷଣକ ପାଇଁ ଅଚଳ ହୋଇପଡ଼େ । ମେରୁ ଅଞ୍ଚଳରେ ଜାହାଜର କମ୍ପାସ ଚୁମ୍ବକ ଦିଗ ହରାଏ । ସତର୍କ ନ ହେଲେ ସେତେବେଳେ ନାବିକ ପଥବଣା ହେବା ବିଚିତ୍ର ନୁହେଁ । ସେତେବେଳେ ପୃଥିବୀର ମେରୁ ଅଞ୍ଚଳରେ ପ୍ରଜ୍ଜ୍ୱଳିତ ହୁଏ ମେରୁ ପ୍ରଭା । ଆକାଶ ଓ ପୃଥିବୀ ମଧ୍ୟରେ ଆଲୋକର ଭୀଷଣ ତାଣ୍ଡବ ଲୀଳା । ଏହାହିଁ ଅବୋଧ ସୌର ଝଡ଼ର ଲାକ୍ଷଣିକ ସୂଚନା ।

ସୌର କଳଙ୍କର ଆବିର୍ଭାବ ହିଁ ସୌର ଝଡ଼ର ସୂଚନା ଦିଏ । ସୌର କଳଙ୍କ କ'ଣ ଅନେକ ବର୍ଷ ପର୍ଯ୍ୟନ୍ତ କେହି ଜାଣି ନ ଥିଲେ । ପୂର୍ବକାଳରେ ଚୀନା ଲୋକେ ଭାବୁଥିଲେ ସୂର୍ଯ୍ୟ ଆକାଶରେ ପଲ ପଲ ଚଢ଼େଇ ଉଡ଼ି ଯାଉଛନ୍ତି । ସେମାନଙ୍କ ଛାଇ ସବୁ ସୌର କଳଙ୍କ ରୂପେ ଦେଖାଯାଉଛି । କେତେକ କହୁଥିଲେ ସୂର୍ଯ୍ୟ ଚାରିପଟେ ଘୂରୁଥିବା ବୁଧ ଗ୍ରହର ଛାଇ ପଡ଼ି ସେମିତି କଳାଦାଗ ଦିଶୁଛି । ଏମିତି କିଏ କେତେ କଳ୍ପନା କରୁଥିଲା । 1610 ମସିହା ବେଳକୁ ଗାଲିଲିଓ ସେଗୁଡ଼ିକ ପ୍ରତି ଧ୍ୟାନ ଦେଲେ । ସେ ନୂଆ ନୂଆ ଟେଲିସ୍କୋପ ଉଦ୍ଭାବନ କରିଥାନ୍ତି । ସେଥିରେ ସେ ସୌର କଳଙ୍କଗୁଡ଼ିକୁ ଅନେଇଲେ । ସେ ଦେଖିଲେ ସେଗୁଡ଼ିକ ଆଲୋକମଣ୍ଡଳର ପୃଷ୍ଠରେ ହିଁ ସୃଷ୍ଟି ହୁଏ । ପ୍ରଥମେ ସାନ ସାନ ହୋଇ ଏଗୁଡ଼ିକ ସୃଷ୍ଟି ହୁଏ; ପରେ ଖୁବ୍ ବଡ଼ ଆକାର ଧାରଣ କରେ ।

**121.** କେଉଁସମୟରେ ଚୁମ୍ବକ ଝଡ଼ ସୃଷ୍ଟିହୁଏ ?

(1) ରେଡ଼ାର ଅଚଳ ହେବା ସମୟରେ

(2) ସୌରଝଡ଼ ସମୟରେ

(3) ରେଡ଼ିଓ ଷ୍ଟେସନ ଅଚାନକ ବନ୍ଦହେ-ବା ସମୟରେ

(4) ବୈଦ୍ୟୁତିକ କଣିକା ବିଞ୍ଛିହେବା ସମୟରେ

https://www.freshersnow.com/



**122.** ସୌରକଳଙ୍କ ପ୍ରଥମେ କେଉଁଥିରେ ଦେଖିହେଲା ?

(1) ବୁଧଗ୍ରହର ଛାୟାରେ

(2) ଟେଲିଭିଜନରେ

(3) ଟେଲିସ୍କୋପରେ

(4) ଚଢ଼େଇ ମାନଙ୍କ ଛାଇରେ

**123.** ବେଳେ ବେଳେ ସୂର୍ଯ୍ୟରୁ କ'ଣ ଛିଡ଼ିପଡେ ?

(1) ଉତପ୍ତ ବୈଦ୍ୟୁତିକ କଣିକା

(2) ଉତପ୍ତ ଚୁମ୍ବକଖଣ୍ଡ

(3) ଉତପ୍ତ ବର୍ଣ୍ଣମଣ୍ଡଳ

(4) ଉତପ୍ତ ଅଗ୍ନିହୁଳା

**124.** ମହାଶୂନ୍ୟକୁ କ'ଣ ବିଚ୍ଛେଦ ହୋଇ ପଡେ ?

(1) ବୈଦ୍ୟୁତିକ କଣିକା

(2) ସୌରପ୍ରଭା

(3) ଚୁମ୍ବକଖଣ୍ଡ

(4) ଅଗ୍ନିହୁଳା

**125.** ଆକାଶ ଓ ପୃଥିବୀ ମଧ୍ୟରେ ଆଲୋକର ତାଣ୍ଡବଲୀଳା କାହାଦ୍ୱାରା ସୃଷ୍ଟିହୁଏ ?

(1) ଉତପ୍ତ ବର୍ଣ୍ଣମଣ୍ଡଳ

(2) ପ୍ରଜ୍ୱୋଳିତ ମେରୁପ୍ରଭା

(3) ପ୍ରଜ୍ୱୋଳିତ ସୌରପ୍ରଭା

(4) ପ୍ରଜ୍ୱୋଳିତ ଅଗ୍ନିହୁଳା

**126.** ଉତପ୍ତ ଅଗ୍ନିହୁଳା କେଉଁଠାରୁ ଉଠେ ?

(1) ଜ୍ୟୋତିମଣ୍ଡଳରୁ

(2) କିରୀଟମଣ୍ଡଳରୁ

(3) ଆଲୋକମଣ୍ଡଳରୁ

(4) ବର୍ଣ୍ଣମଣ୍ଡଳରୁ

*ନିର୍ଦ୍ଦେଶ : ନିମ୍ନ ଗଦ୍ୟାଂଶଟି ପଢ଼ନ୍ତୁ । ଏହା ସହିତ ସଂପୃକ୍ତ 127 ରୁ 135 ଯାଏ ପ୍ରତ୍ୟେକ ପ୍ରଶ୍ନରେ ଚାରିଗୋଟି ସାମ୍ଭାବ୍ୟ ଉତ୍ତର ରହିଛି । ସେଥିରୁ ଯଥାର୍ଥ ଉତ୍ତରଟି ବାଛନ୍ତୁ ।*

ପୁରାଣ ଓ ଗଳ୍ପରେ ଯେଉଁସବୁ ସାଧନାର ବିବରଣୀ ଶୁଣାଯାଏ, ତାହା ଅତି ମନୋହର – ଅତ୍ୟନ୍ତ ସାରଗର୍ଭକ । ଏହି ସାଧନାର ଆରମ୍ଭ ଭୟବିପତ୍‌ସଙ୍କୁଳ, ନାନା ପ୍ରଲୋଭନପୂର୍ଣ୍ଣ । ଏହି ଅଂଶ ପାର ହେବା ବଡ଼ କଠିନ । ପ୍ରବାଦ ଅଛି, ସାଧକ ଯେତେବେଳେ ଏହି ସାଧନାରେ ପ୍ରବୃତ୍ତ ହୁଏ, ସେତେବେଳେ ଦେବତା ତାହାକୁ ଅତି କଠୋର ପରୀକ୍ଷାରେ ନିକ୍ଷେପ କରନ୍ତି; ତାହାର ସଂକଳ୍ପ, ନିଷ୍ଠା–ଓ ବିଶ୍ୱାସ ପରୀକ୍ଷା କରିବା ନିମନ୍ତେ ନାନା ଭୟଙ୍କର ମୂର୍ତ୍ତି ଧାରଣ କରି ସମ୍ମୁଖରେ ଉପସ୍ଥିତ ହୁଅନ୍ତି । ଯେଉଁ ସାଧକ ଏହି ସକଳ ବିଭୀଷିକା ସପକ୍ଷରେ ଅବିଚଳିତ ରହିପାରେ, ସେହି ଏକା ଦେବପ୍ରସାଦ ଲାଭ କରେ – ତାହାରି ମନସ୍କାମନା ସିଦ୍ଧହୁଏ । କ୍ଷୀଣବିଶ୍ୱାସୀ ଦୁର୍ବଂଳଚିତ୍ତ ବ୍ୟକ୍ତି ପକ୍ଷରେ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣହେବା ଅସମ୍ଭବ ହୋଇଉଠେ । କେହି ସେହି ମୁହୂର୍ତ୍ତରେ ଜୀବନ ହରାଏ, କେହି ବା ବାତୁଳ ହୋଇ ଚିରଜିବନ ଅକର୍ମଣ୍ୟ ହୋଇ ରହେ । ପୁଣି ଏପରି ମଧ ବର୍ଣ୍ଣିତ ଅଛି ଯେ ରାଜ୍ୟ, ସମ୍ପଦ, ନାନା ଭୋଗ ବିଳାସର ଆଶା ଦେଖାଇବା ଦ୍ୱାରା ସାଧକ–ହୃଦୟର ପରୀକ୍ଷା ହୋଇଥାଏ । ପୃଥିବୀର ମହାପୁରୁଷ ମାନଙ୍କ ଜୀବନରେ ମଧ୍ୟ ଏହିପରି ବ୍ୟାପାର ଘଟିବାର ଉଲ୍ଲେଖ ଦେଖାଯାଏ । ଏହି ସମସ୍ତ କାଳ୍ପନିକ କଥା ବା ରୂପକ ମଧ୍ୟରେ ଗଭୀର ସତ୍ୟ ନିହିତ ଅଛି । ମନୁଷ୍ୟ ସତ୍ୟ ଓ ନ୍ୟାୟ ପଥରେ ପଦକ୍ଷେପ କଲାକ୍ଷଣି ତାହାର ଚାରିଆଡ଼େ ବିଘ୍ନ ବିପଦରାଶି ଘନୀଭୂତ ହେଉଥାଏ, ନାନା

https://www.freshersnow.com/



ପ୍ରଲୋଭନ ସମୀପସ୍ଥ ହୋଇ ତାହାଙ୍କୁ ପଥଭ୍ରଷ୍ଟ କରିବାକୁ ଚେଷ୍ଟା କରୁଥାଏ । ନାନା ଚିନ୍ତା, ନାନା ସଂଶୟ ପ୍ରାଣକୁ ଆଚ୍ଛାଦିତ କରେ । ଏମୂହୂର୍ତ୍ତ ବଡ଼ ସଙ୍କଟମୟ; ନରଭାଗ୍ୟପରୀକ୍ଷାର ଏହା ଉପଯୁକ୍ତ ସମୟ । ଯେ ଟିକିଏ ଇତସ୍ତତଃ ହେବ, ତାହାର ରକ୍ଷା ନାହିଁ । ଯେଉଁ ବ୍ୟକ୍ତି ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରି ଅଟଳ ଭାବରେ ଦଣ୍ଡାୟମାନ, ସେ ଏକା ସ୍ୱର୍ଗଲାଭ କରେ; ଦେବଗଣ ତାହାର କଣ୍ଟକମୟ ପଥରେ କୁସୁମ ବୃଷ୍ଟି କରନ୍ତି ।

ମହାଭାରତ ପୁସ୍ତକରେ ପାଣ୍ଡବମାନଙ୍କ ମହାପ୍ରସ୍ଥାନର ଗୋଟିଏ ଚିତ୍ର ପ୍ରଦର୍ଶିତ ହେଇଅଛି । ପାଣ୍ଡବଗଣ ସଶରୀର ସ୍ୱର୍ଗଲାଭ-ପ୍ରୟାସୀ । କିଛି ଦୂର ଅଗ୍ରସର ହୋଇ ଦ୍ରୌପଦୀ ଯୋଗାଭ୍ରଷ୍ଟା ହୋଇ ଥରେ ପଛକୁ ଅନାଇଲେ; ଅନାଇବା ମାତ୍ରେ ସେ ଭୂତଳନିପତିତା ହେଲେ । ତାଙ୍କ ପତନ ଦେଖି ସମସ୍ତେ ଫେରି ଅନାଇଲେ; କିନ୍ତୁ ଧର୍ମପୁତ୍ର ଯୁଧୀଷ୍ଠିରଙ୍କ ଦୃଷ୍ଟି ସମ୍ମୁଖରେ ନିବଦ୍ଧ । ସମସ୍ତେ ସ୍ଖଳିତପଦ ହୋଇ ପୃଥିବୀରେ ପତିତ ହେଲେ, ଏକା ଯୁଧୀଷ୍ଠିର ସଶରୀର ସ୍ୱର୍ଗଲାଭ କଲେ; ସେ ଚିତ୍ର ପୃଥିବୀରେ ଦୁର୍ଲ୍ଲଭ । ସେ ଚିତ୍ର ଦର୍ଶନ କରି, ସେ ମଧୁମୟ ବର୍ଣ୍ଣନା ପାଠକରି କାହାର ହୃଦୟ ବିମୋହିତ ନ ହେବ ! ଧନ୍ୟ ମହାଭାରତ କାର ! ଧନ୍ୟ ତୁମର କଳ୍ପନା ! ସମ୍ମୁଖରେ ସ୍ୱର୍ଗ, ଦେବଜୀବନ; ପଶ୍ଚାଦେଶରେ ମୃତ୍ୟୁ; ଏହାଠାରୁ ବଳି ସତ୍ୟକଥା ଆଉ କଣ ଅଛି ? କିନ୍ତୁ ଧର୍ମାତ୍ମନ୍ ! ତୁମ୍ଭର ସେ ଅମୂଲ୍ୟ ଶିକ୍ଷା ଏ ଦୁର୍ଭାଗ୍ୟ ଦେଶରେ କେବଳ ପୁସ୍ତକରେ ନିବନ୍ଧ ରହିଅଛି । ବର୍ତ୍ତମାନ ଏ ଦେଶରେ ସମ୍ମୁଖ ଦୃଷ୍ଟିର ବଡ଼ ଅଭାବ, ଅଛି କେବଳ ପଶ୍ଚାଦୃଷ୍ଟି, କେବଳ ମୃତ୍ୟୁ ।

**127.** ଅମୂଲ୍ୟଶିକ୍ଷାଟି କେଉଁଠାରେ ରହିଅଛି ?

(1) କଳ୍ପନାରେ

(2) ପୁସ୍ତକରେ

(3) ପଶ୍ଚାତ୍‌ଦେଶରେ

(4) ଲୋକ କଥାରେ

**128.** ଦେବତା କାହାକୁ କଠୋର ପରୀକ୍ଷାର ସମ୍ମୁଖୀନ କରାନ୍ତି ?

(1) ସାଧୁଙ୍କୁ

(2) ଚାଷୀକୁ

(3) ସାଧକକୁ

(4) ଭକ୍ତକୁ

**129.** କେଉଁ ଭାବଦ୍ୱାରା ମନସ୍କାମନା ସିଦ୍ଧ ହୁଏ ?

(1) ବିଶ୍ୱାସ ଓ ପରୀକ୍ଷା-ଭାବ ଦ୍ୱାରା

(2) ଦର୍ପିଷ୍ଟ ଭାବ ଦ୍ୱାରା

(3) ସଂକଳ୍ପ ଭାବ ଦ୍ୱାରା

(4) ଅବିଚଳିତ ଭାବ ଦ୍ୱାରା

**130.** ମନୁଷ୍ୟକୁ ପଥଭ୍ରଷ୍ଟ କରିବାକୁ କିଏ ଚେ଼ଷ୍ଟା କରୁଥାଏ ?

(1) ଚିନ୍ତାରାଶି

(2) ସଙ୍କଟ

(3) ପ୍ରଲୋଭନ

(4) ବିଷାଦରାଶି

**131.** ଉତ୍ସର୍ଗୀକୃତ ଓ ଅଟଳବ୍ୟକ୍ତିର କ'ଣ ହୁଏ ?

(1) ସ୍ୱର୍ଗଲାଭ

(2) ଐଶ୍ୱର୍ଯ୍ୟଲାଭ

(3) ପରୀକ୍ଷାରେ ଉତ୍ତୀର୍ଣ୍ଣହୁଏ

(4) ମୁକ୍ତିଲାଭ

https://www.freshersnow.com/



**132.** ଦୁର୍ବଳ ଚିତ୍ତ ବ୍ୟକ୍ତି କିପରି ?

(1) ଦୁର୍ବଳମନା

(2) କ୍ଷୀଣ ବିଶ୍ୱାସୀ

(3) ବାତୁଳ

(4) ବିଚଳିତ

**133.** କାଳ୍ପନିକ କଥାରେ କ'ଣ ନିହିତ ଅଛି ବୋଲି କୁହାଯାଇଛି ?

(1) ଭୋଗବିଳାସ

(2) ନ୍ୟାୟପଥ

(3) ମନୋହାରୀ କଥା

(4) ଗଭୀରସତ୍ୟ

**134.** କେଉଁ ଚିତ୍ର ପୃଥିବୀରେ ଦୁର୍ଲ୍ଲଭ ?

(1) ପାଣ୍ଡବଙ୍କ ମହାପ୍ରସ୍ଥାନ

(2) ପାଣ୍ଡବଙ୍କ ଯୁଦ୍ଧଯାତ୍ରା

(3) ପାଣ୍ଡବଙ୍କର ବନବାସ

(4) ପାଣ୍ଡବମାନଙ୍କ ଦ୍ୟୁତିକ୍ରିଡ଼ା

**135.** ଅତ୍ୟନ୍ତ ମନୋହର ଓ ସାରଗର୍ଭକ ବୋଲି କାହାକୁ କୁହାଯାଇଛି ?

(1) ଗଳ୍ପକୁ

(2) ସାଧକ ଜୀବନକୁ

(3) ସାଧନାର ବିବରଣୀକୁ

(4) ପୁରାଣକୁ

***ନିର୍ଦ୍ଦେଶ : ନିମ୍ନ ପ୍ରଶ୍ନଗୁଡ଼ିକ ପାଇଁ ଯଥାର୍ଥ ଉତ୍ତରଟିବାଛନ୍ତୁ ।***

**136.** "ବକ୍ତାଙ୍କର ସଂଦେଶକୁ ବୁଝିବା ପାଇଁ ସଚେ୍ତନ ନିର୍ଣ୍ଣୟ ଆବଶ୍ୟକ ।" ଏହି କାର୍ଯ୍ୟଧାରାକୁ କେଉଁ ଉକ୍ତି ସୂଚାଏ ?

(1) ଅମନଯୋଗୀ ଶ୍ରବଣ

(2) ମନଯୋଗସହକାରେ ଶ୍ରବଣ

(3) ସଚେ୍ତନ ପ୍ରୟାସ

(4) ବୁଦ୍ଧିକ୍ଷମତା

**137.** ଛାତ୍ରମାନଙ୍କ ପାଇଁ ଅଧିକ ଉପଯୋଗ ହେଲାଭଳି ଭାଷାତାତ୍ତ୍ୱିକ ଦକ୍ଷତା ବୃଦ୍ଧି ଆବଶ୍ୟକ, ମାତ୍ର ଏହାସହ ଶ୍ରେଣୀକକ୍ଷର ବାତାବରଣର ଅପରିବର୍ତ୍ତନୀୟତା ରକ୍ଷା କରିବା ପ୍ରୟାସକୁ କ'ଣ କୁହାଯାଏ ?

(1) ବ୍ୟାପକ ପ୍ରୟାସ

(2) ଅନ୍ତର୍ଭୁକ୍ତ ପ୍ରୟାସ

(3) ନିୟନ୍ତ୍ରିତ ପ୍ରୟାସ

(4) ସୃଜନଶୀଳ ପ୍ରୟାସ

**138.** ନିଜର ମନ୍ତବ୍ୟ ପ୍ରକାଶ କରିବା, ନିଜ ପ୍ରତି ପ୍ରକାଶିତ ମନ୍ତବ୍ୟକୁ ଠିକ୍ ଭାବରେ ବୁଝିବା, ଏବଂ ପାଠ୍ୟପୁସ୍ତକର ସଠିକ୍ ଆକଳନ କରିବା ଉଦ୍ଦେଶ୍ୟରେ ବିଦ୍ୟାର୍ଥୀ ସଂଶିତ ଭାଷାରେ କ'ଣ ଦରକାର କରେ ?

(1) ଗଠନ ଓ ତା'ର ବ୍ୟବହାରର ଅବବୋଧ

(2) ବିଶେଷ ଶବ୍ଦଜ୍ଞାନ

(3) ମାତୃଭାଷାର ବ୍ୟବହାର ସହ ଏକାତ୍ମତା

(4) ବ୍ୟାକରଣ ଗତ ନିୟମର ମୁଖସ୍ଥ

https://www.freshersnow.com/



**139.** ନିମ୍ନର କେଉଁ ଉକ୍ତିଟି ସତ୍ୟ ?

(1) ସମସ୍ତ ଗଠନଗତ ପାଠ୍ୟ କେବଳ ଅନୁଧାନ ପାଇଁ ଉଦ୍ଦିଷ୍ଟ

(2) ଗଠନଗତ ଅନୁଧାନ ଅଧିକ ଉପଯୋଗୀ ହେବା ପାଇଁ ଅଧ୍ୟୟନ କାଳରେ ଓ ଶିକ୍ଷାଦାନ ପରେ କରାଯିବା ଆବଶ୍ୟକ

(3) ସମସ୍ତ ସଂକ୍ଷିପ୍ତ ସାର ପରୀକ୍ଷା ଶିକ୍ଷଣ-ଶିକ୍ଷାଦାନର ବିକାଶ ପାଇଁ ଉଦ୍ଦିଷ୍ଟ

(4) ଗଠନଗତ ଅନୁଧାନ ବିଦ୍ୟାର୍ଥୀଙ୍କର ଭଲ ସାଧାରଣ ଏବଂ ନିମ୍ନ-ଇତ୍ୟାଦି ମାନ ନିର୍ଣ୍ଣୟ ପାଇଁ ସାହାଯ୍ୟ କରେ

**140.** "ଦ୍ୱିତୀୟ ଭାଷାରେ ଭାଷା ଯୋଗ୍ୟତା ଅଭ୍ୟାସ ନିର୍ଭରଶୀଳ ।" ଏହାର ଅର୍ଥ

(1) ସାଧାରଣ ବାକ୍ୟାଳାପ କାଳରେ ଅନୁସୃତ ମୌଳିକ ବାକ୍ୟଗଠନ ରୀତିର ମୁଖସ୍ଥ

(2) ଉପଯୁକ୍ତ ଗଠନରୀତି ଓ ଶବ୍ଦଜ୍ଞାନ ସାହାଯ୍ୟରେ ବାକ୍ୟ ନିର୍ମାଣ

(3) ଧ୍ୱନି, ଶବ୍ଦ, ବାକ୍ୟାଂଶ ଏବଂ ଅର୍ଥ ପଢ଼ାଯିବା ଆବଶ୍ୟକ

(4) ଗ୍ରାମୀଣ ଭାଷାକହୁଥିବା ବ୍ୟକ୍ତିଭଳି ବାକ୍ୟ ଗଠନ

**141.** ସ୍ୱତନ୍ତ୍ର ଶିକ୍ଷଣ ଅସହାୟତା ଅନୁଶୀଳନ ଜନିତ ସୁଚନାଉପରେ ଆଧାରିତ ଲିଖନ/ପଠନ କାହା ମାଧ୍ୟମରେ ଘଟେ ?

(1) ବିଦ୍ୟାର୍ଥୀ ପ୍ରଶିକ୍ଷଣ

(2) ଗୁରୁତ୍ୱପୂର୍ଣ୍ଣ ଚିନ୍ତାରେ ଅନୁଶୀଳନୀ ସମାଧାନ

(3) ପାରିବାରିକ ଶିକ୍ଷା

(4) ପ୍ରତିକାରମୂଳକ ଶିକ୍ଷଣ

**142.** କୌଣସି ଅନୁଚ୍ଛେଦର ଆକଳନ କାଳରେ ବିଦ୍ୟାର୍ଥୀ ନିଜଭାଷାରେ ପୁନଃକଥନ କରିବାକୁ କ'ଣ କୁହାଯାଏ ?

(1) ପଶ୍ଚାତ୍‌ଗମନ

(2) ଏକତ୍ରୀକରଣ

(3) ତଥ୍ୟ ଅନ୍ୱେଷଣ

(4) ସାରାଂଶ ଲିଖନ

**143.** ପଞ୍ଚମ ଶ୍ରେଣୀର ଜଣେ ଛାତ୍ର ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ଲିଖିତ ଭାବରେ ପାଠକର ଧ୍ୟାନ ଆକର୍ଷଣ ପାଇଁ ଆଗ୍ରହୀ ଏଥିରେ ସେ କାହା ଉପରେ ଅଧିକ ଗୁରୁତ୍ୱ ଦେବ ?

(1) ଏକ ଅନୁସୃତ ସାରାଂଶ ଦେବ

(2) ଏକ କାଳ୍ପନିକ ଉପସ୍ଥାପନା ଦେବ

(3) ଏକ ପୁଙ୍ଖାନୁପୁଙ୍ଖ ବିବରଣୀ ଦେବ

(4) ଏକ ପ୍ରଭାବଶାଳୀ ଦୃଷ୍ଟିଭଂଗୀ ପ୍ରକାଶକରିବ

**144.** ନିମ୍ନ ବୟସ କ୍ରମ ମଧ୍ୟରୁ କେଉଁଟି ରେ ବିଦ୍ୟାର୍ଥୀମାନେ ବ୍ୟବହୃତ ଭାଷାର ଅଭିଜ୍ଞତା ଦ୍ୱାରା ପ୍ରଭାବିତ ହୁଅନ୍ତି ଏବଂ ଏହାର ପରିମାଣ ଓ ଅର୍ଥ ନିୟନ୍ତ୍ରଣ ପାଇଁ ଚେଷ୍ଟାକରନ୍ତି ?

(1) 10 ବର୍ଷରୁ 14 ବର୍ଷ

(2) 9 ବର୍ଷରୁ 12 ବର୍ଷ

(3) 1 ବର୍ଷରୁ 4 ବର୍ଷ

(4) 15 ବର୍ଷରୁ 17 ବର୍ଷ

https://www.freshersnow.com/



145. ଶଂସିତ ଭାଷାରେ ବ୍ୟାକରଣ ଶିକ୍ଷଣ

(1) ଭାଷାଶିକ୍ଷାପାଇଁ ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହିତ କରେ

(2) ବ୍ୟାକରଣ ଶିକ୍ଷା ପାଇଁ ବୈଷୟିକ ଉପକରଣ ଆବଶ୍ୟକ କରେ

(3) ଶିକ୍ଷାର୍ଥୀଙ୍କର ଉଚ୍ଚ ଶିକ୍ଷଣଶକ୍ତି ଆବଶ୍ୟକ କରେ

(4) ପାଠ୍ୟାଂଶ ପରୀକ୍ଷା କରେ ଏବଂ ଭାଷା ଯେ ଏକ ଯୋଜନା ଉପରେ ନିର୍ଭର କରେ ସେ ସଂପର୍କରେ ସଚେତନତା ସୃଷ୍ଟିକରେ

146. ଭାଷାଶିକ୍ଷାବିଜ୍ଞାନରେ ଆପେକ୍ଷିକ ଗୁରୁତ୍ୱ ଦୃଷ୍ଟିରୁ ବିଷୟ ସଂପୃକ୍ତ ବ୍ୟାକରଣ କଣ ଅଟେ ?

(1) ପଠନ ଓ ଶ୍ରବଣଭଳି ଆହରଣ କାର୍ଯ୍ୟ ସହ ବ୍ୟାକରଣ

(2) ଅଭ୍ୟାସ ଉପରେ କମ୍ ଗୁରୁତ୍ୱ, ବ୍ୟାକରଣ ଓ ରଚନା ମଧ୍ୟରେ ସଂପର୍କ ଅନୁଧ୍ୟାନ

(3) ବ୍ୟାକରଣର ସୁସ୍ପଷ୍ଟ ଶିକ୍ଷଣ

(4) ସଂଶୋଧନ ପାଇଁ ଉଦ୍ଦିଷ୍ଟ ସ୍ୱାଭାବିକ କଥୋପକଥନ ସଂବଳିତ ରେକର୍ଡିଂ ଶ୍ରବଣ

147. ଜଣେ ଶିକ୍ଷକ ନିଜର ପାଠ୍ୟକ୍ରମକୁ ପର୍ଦ୍ଦାରେକର୍ଡିଂ ଏବଂ ଦୃଶ୍ୟସଂପାଦନା କରି ବିଦ୍ୟାର୍ଥୀଙ୍କ ପଢ଼ିବାପାଇଁ ଦିଅନ୍ତି । ଏହା ବିଦ୍ୟାର୍ଥୀ ମାନଙ୍କୁ କ'ଣ କରିବାରେ ସହାୟତା କରେ ?

(1) ଉଦ୍ଦିଷ୍ଟ ପାଠ୍ୟକ୍ରମ ନ ପଢ଼ିବାପାଇଁ

(2) ଏକ ବିଶେଷ ଉପସ୍ଥାପନାପାଇଁ ଅବକାଶ ପ୍ରାପ୍ତି

(3) ନିଜକୁ ନିୟନ୍ତ୍ରିତ କରିବା ସଂଗେ ସଂଗେ ନିଜେ ପଢ଼ିବାପାଇଁ

(4) ନିଜର ବ୍ୟକ୍ତିଗତ ରୁଚି ଅନ୍ୱେଷଣ କରିବାରେ

148. ଗୋଟିଏ ଦ୍ୱିଭାଷିକ ଶ୍ରେଣୀ କକ୍ଷରେ

(1) ଶିକ୍ଷକ ବିଦ୍ୟାର୍ଥୀମାନଙ୍କ ଭାଷା କୁହନ୍ତି

(2) ଶିକ୍ଷକ ଉଭୟ ବିଦ୍ୟାର୍ଥୀ ଓ ସଂଶିତ ଭାଷା କୁହନ୍ତି

(3) ଶିକ୍ଷକ କେବଳ ସଂଶିତ ଭାଷା କୁହନ୍ତି

(4) ବିଦ୍ୟାର୍ଥୀମାନେ ସେହି ଭାଷା ବ୍ୟବହାର କରନ୍ତି

149. କେଉଁ ପ୍ରକାରର ପ୍ରଶ୍ନ ପିଲାମାନଙ୍କ ମଧ୍ୟରେ ଚିନ୍ତାତ୍ମକତା ବୃଦ୍ଧି କରେ ?

(1) ତଥ୍ୟାତ୍ମକ ପ୍ରଶ୍ନ

(2) କେବଳ ପାଠ୍ୟ ପୁସ୍ତକ ଉପରେ ଆଧାରିତ ପ୍ରଶ୍ନ

(3) ବ୍ୟକ୍ତିଗତ ପ୍ରଶ୍ନ

(4) ସୀମିତ ଶେଷାତ୍ମକ ପ୍ରଶ୍ନ

150. ଯଦି କୌଣସି ବିଦ୍ୟାର୍ଥୀ ଭାରାକ୍ରାନ୍ତ, ଅନ୍ୟମନସ୍କ ଏବଂ ଅମନଯୋଗୀ ହୁଏ, ତେବେ ଏହି ଅବସ୍ଥା ଶିକ୍ଷଣପାଇଁ କେଉଁ ବାଧା ଉପୁଜାଏ ?

(1) ଶାରୀରିକ

(2) ମାନସିକ

(3) ଜ୍ଞାନାତ୍ମକ

(4) କୃତ୍ରିମାତ୍ମକ

https://www.freshersnow.com/



*ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :*

1. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର ପୃଷ୍ଠା–2 ରେ ବ୍ଲୁ କିମ୍ବା ବ୍ଲାକ୍ ବଲ୍ ପଏଣ୍ଟ ପେନ୍‌ରେ ମାର୍କ କରନ୍ତୁ । ଥରେ ମାର୍କ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
2. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
3. ପ୍ରଶ୍ନପତ୍ର ଓ ଉତ୍ତରଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
4. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
5. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ବୈଦ୍ୟୁତିକ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
6. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।
7. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
8. ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି, ବୋଲି ଧରିନିଆଯିବ ।
9. କୌଣସି ପ୍ରକାର କାଲ୍‌କୁଲେଟ ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
10. ପରୀକ୍ଷା ପରିଗଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
11. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ତାହାର ବା ପୃଥକ କରାଯାଇପାରିବ ନାହିଁ ।
12. **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ଅବିକଳ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇ ପାରିବେ ।**

https://www.freshersnow.com/



**READ THE FOLLOWING INSTRUCTIONS CAREFULLY :**

1. Out of the four alternatives for each question, only one circle for the correct answer is to be darkened *completely with Blue/Black Ball Point Pen on* Side-2 of the OMR Answer Sheet. The answer once marked is not liable to be changed.
2. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
3. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
4. The candidates will write the correct Test Booklet Code and Number as given in the Test Booklet/Answer Sheet in the Attendance Sheet.
5. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the Examination Hall/Room.
6. Each *candidate must show on demand* his / her Admission Card to the Invigilator.
7. No candidate, without special permission of the Superintendent or Invigilator, should leave his / her seat.
8. The candidates should not leave the Examination Hall without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet a second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left-hand THUMB impression in the space provided in the Attendance Sheet.**
9. Use of Electronic/Manual Calculator is prohibited.
10. The candidates are governed by all Rules and Regulations of the Board with regard to their conduct in the Examination Hall. All cases of unfair means will be dealt with as per Rules and Regulations of the Board.
11. No part of the Test Booklet and Answer Sheet shall be detached under any circumstances.
12. **On completion of the test, the candidate must hand over the Answer Sheet to the Invigilator in the Room/Hall.** ***The candidates are allowed to take away this Test Booklet with them.***

**निम्नलिखित निर्देश ध्यान से पढ़ें :**

1. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के पृष्ठ-2 पर केवल एक वृत्त को ही पूरी तरह नीले/काले बॉल पॉइन्ट पेन से भरें । एक बार उत्तर अंकित करने के बाद उसे बदला नहीं जा सकता है ।
2. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ । परीक्षार्थी अपना अनुक्रमांक उत्तर पत्र में निर्धारित स्थान के अतिरिक्त अन्यत्र न लिखें ।
3. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी ।
4. परीक्षा पुस्तिका/उत्तर पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाज़िरी-पत्र में लिखें ।
5. परीक्षार्थी द्वारा परीक्षा हॉल/कक्ष में प्रवेश कार्ड के सिवाय किसी प्रकार की पाठ्य सामग्री, मुद्रित या हस्तलिखित, काग़ज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है ।
6. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-कार्ड दिखाएँ ।
7. अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें ।
8. कार्यरत निरीक्षक को अपना उत्तर पत्र दिए बिना एवं हाज़िरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल नहीं छोड़ेंगे । यदि किसी परीक्षार्थी ने दूसरी बार हाज़िरी-पत्र पर हस्ताक्षर नहीं किए तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा । **परीक्षार्थी अपने बाएँ हाथ के अँगूठे का निशान हाज़िरी-पत्र में दिए गए स्थान पर अवश्य लगाएँ ।**
9. इलेक्ट्रॉनिक/हस्तचालित परिकलक का उपयोग वर्जित है ।
10. परीक्षा-हॉल में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं । अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा ।
11. किसी हालत में परीक्षा पुस्तिका और उत्तर पत्र का कोई भाग अलग न करें ।
12. **परीक्षा सम्पन्न होने पर, परीक्षार्थी कक्ष/हॉल छोड़ने से पूर्व उत्तर पत्र कक्ष-निरीक्षक को अवश्य सौंप दें ।** ***परीक्षार्थी अपने साथ इस परीक्षा पुस्तिका को ले जा सकते हैं ।***